ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)

**ପତ୍ର ସଂ–୭୬/୨୦୨୬ ସପ୍ତାହ-୩୮ ମଙ୍ଗଳବାର, ତାରିଖ-୨୨.୦୯.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୧୧୭୯.୨/୫୯+ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୩୩.୦/୦୨ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0C$) | ୩୩.୪ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0C$) | ୨୪.୪ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୨୩-୦୯-୨୦୨୬ | ୬୦ | ୨୮ | ୨୫ | ୬ | ୯୬ | ୮୬ | ୬ | ୩ |
| | ୨୪-୦୯-୨୦୨୬ | ୯୦ | ୨୭ | ୨୫ | ୮ | ୯୬ | ୮୮ | ୧୩ | ୧୨ |
| | ୨୫-୦୯-୨୦୨୬ | ୭୦ | ୨୭ | ୨୫ | ୮ | ୯୬ | ୮୦ | ୯ | ୪୭ |
| | ୨୬-୦୯-୨୦୨୬ | ୩୦ | ୨୮ | ୨୫ | ୬ | ୯୪ | ୭୮ | ୮ | ୧୩୩ |
| | ୨୭-୦୯-୨୦୨୬ | ୧୫ | ୨୯ | ୨୬ | ୫ | ୯୪ | ୭୪ | ୧୧ | ୧୭୦ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

### ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ମଧ୍ୟମ ରୁ ପ୍ରବଳ ବର୍ଷା (୧୫ ରୁ ୯୦ ମିମି/ଦିନ) ହେବାର ସମ୍ଭାବନା ରହିଛି । ଏହି ଦିନଗୁଡ଼ିକରେ ଆକାଶ ସାଧାରଣତଃ ମେଘୁଆ କିମ୍ବା ମେଘାଚ୍ଛନ୍ନ ରହିବା ସହିତ ଉତ୍ତର ରୁ ଦକ୍ଷିଣ ଦିଗ ଆଡୁ ଘଣ୍ଟା ପ୍ରତି ୬ ରୁ ୧୩ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୨୭ ରୁ ୨୯ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୫ ରୁ ୨୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ରହିଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୪ ରୁ ୯୬ ପ୍ରତିଶତ ଏବଂ ଅପରାହ୍ଣ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୭୪ ରୁ ୮୬ ପ୍ରତିଶତ ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ବର୍ତ୍ତମାନର ପାଣିପାଗ ସ୍ଥିତି:** ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୮ କିଲୋମିଟର ବେଗରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆଜି ୨୨ ସେପ୍ଟେମ୍ବର ୨୦୨୬ ପୂର୍ବାହ୍ନ ୦୮:୩୦ ସମୟରେ ଅକ୍ଷାଂଶ ୧୭.୯° ଉତ୍ତର ଏବଂ ଦ୍ରାଘିମା ୮୬.୦° ପୂର୍ବରେ (ଗୋପାଳପୁରଠାରୁ ୨୦୦ କିମି ଦକ୍ଷିଣ-ପୂର୍ବ, କଳିଙ୍ଗପଟ୍ଟନମ୍‌ଠାରୁ ୨୦୦ କିମି ପୂର୍ବ-ଦକ୍ଷିଣ-ପୂର୍ବ, ପୁରୀଠାରୁ ୨୧୦ କିମି ଦକ୍ଷିଣ ଏବଂ ବିଶାଖାପାଟଣାଠାରୁ ୨୯୦ କିମି ପୂର୍ବରେ) କେନ୍ଦ୍ରୀଭୂତ ରହିଥିବା ବେଳେ, ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବା ସହ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୩ ସେପ୍ଟେମ୍ବର ରାତିରୁ ୨୪ ସେପ୍ଟେମ୍ବର ପ୍ରାକ୍-ଉଷା ମଧ୍ୟରେ ବିଶାଖାପାଟଣା ଓ ଗୋପାଳପୁର ମଧ୍ୟବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ - ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ବହୁ ସମ୍ଭାବନା ରହିଛି।

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତ ସହିତ ଘଣ୍ଟାପ୍ରତି ୪୦ ରୁ ୬୦ କି.ମି ବେଗରେ ଝଟକା ପବନ ବହିବାର ସମ୍ଭାବନା (୨୬.୦୯.୨୦୨୬ ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ)।**

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସମ୍ଭାବ୍ୟ ବୃଷ୍ଟିପାତକୁ ଦୃଷ୍ଟିରେ ରଖି, ବର୍ଷା ନକମିବା ଏବଂ ପାଗ ପରିଷ୍କାର ନହେବା ପର୍ଯ୍ୟନ୍ତ ଚାଷୀଭାଇମାନେ ଜମିର କାର୍ଯ୍ୟ ସାମୟିକ ଭାବେ ବନ୍ଦ ରଖନ୍ତୁ ଏବଂ ସାର ଓ କୀଟନାଶକ ପ୍ରୟୋଗକୁ ସ୍ଥଗିତ ରଖନ୍ତୁ।
- ଜମିରୁ ଅତିରିକ୍ତ ବର୍ଷାଜଳର ଶୀଘ୍ର ନିଷ୍କାସନ ଏବଂ ଦୀର୍ଘସମୟ ପର୍ଯ୍ୟନ୍ତ ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ପାଇଁ ଜଳ ନିଷ୍କାସନ ନାଳିଗୁଡ଼ିକୁ ଖୋଲା ଏବଂ ସଫା ରଖନ୍ତୁ।
- ସମ୍ଭବ ହେଉଥିବା ସ୍ଥାନଗୁଡ଼ିକରେ, ପ୍ରବଳ ବର୍ଷା ପୂର୍ବରୁ ଅମଳ ଯୋଗ୍ୟ ଏବଂ ଶୀଘ୍ର ନଷ୍ଟ ହୋଇଯାଉଥିବା ଫସଲ/ପନିପରିବା କୁ ଅମଳ କରିନିଅନ୍ତୁ ଏବଂ କ୍ଷେତରୁ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।
- ଶସ୍ୟ, ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ସାମଗ୍ରୀକୁ ବର୍ଷା ଦାଉରୁ ସୁରକ୍ଷିତ ରଖିବା ପାଇଁ ଶୁଖିଲା, ଉଚ୍ଚ ଏବଂ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରନ୍ତୁ।
- ଗୋଶାଳା/ଗୁହାଳ ଗୁଡ଼ିକର ଆବଶ୍ୟକ ମରାମତି କରି ବର୍ଷା ଜଳ ପ୍ରବେଶକୁ ରୋକନ୍ତୁ। ଖାଲୁଆ ଅଞ୍ଚଳରେ ଥିବା ପଶୁପକ୍ଷୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରନ୍ତୁ ଏବଂ ଗୋଖାଦ୍ୟ ଓ ଶୁଖିଲା ନଡ଼ାକୁ ଓଦା/ନଷ୍ଟ ହେବାରୁ ରକ୍ଷା କରନ୍ତୁ। ଘଡ଼ଘଡ଼ି ଏବଂ ବର୍ଷା ସମୟରେ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖନ୍ତୁ।
- ଘଣ୍ଟାପ୍ରତି ୪୦-୬୦ କିମି ବେଗରେ ପବନ ସହ ଘଡ଼ଘଡ଼ି/ବଜ୍ରପାତ ସମୟରେ ଚାଷୀଭାଇମାନେ ନିରାପଦ ଆଶ୍ରୟ ନିଅନ୍ତୁ ଏବଂ ଖୋଲା ପଡ଼ିଆ, ଏକାକୀ ଗଛ ମୂଳ ଓ ଜଳାଶୟଠାରୁ ଦୂରରେ ରୁହନ୍ତୁ। ଯଦି ସୁରକ୍ଷିତ ଆଶ୍ରୟ ମିଳୁନାହିଁ, ତେବେ ଖୋଲା ସ୍ଥାନରେ ଦୁଇ ପାଦକୁ ପାଖାପାଖି ରଖି ଆଣ୍ଠେଇ ବସିପଡ଼ନ୍ତୁ (crouch low)। ବଜ୍ରପାତର ପୂର୍ବ ସୂଚନା ପାଇଁ "ଦାମିନୀ" (DAMINI) ମୋବାଇଲ୍ ଆପ୍ ବ୍ୟବହାର କରନ୍ତୁ।

| ସଂକ୍ଷିପ୍ତ ବାର୍ତା | | ▪ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସମ୍ଭାବ୍ୟ ବୃଷ୍ଟିପାତକୁ ଦୃଷ୍ଟିରେ ରଖି, ଜମିରୁ ଅତିରିକ୍ତ ବର୍ଷାଜଳର ଶୀଘ୍ର ନିଷ୍କାସନ ଏବଂ ଜଳବନ୍ଦୀ ସମସ୍ୟାକୁ ହ୍ରାସ କରିବା ପାଇଁ ଛିଡ଼ା ଫସଲରେ ଜଳ ନିଷ୍କାସନ ନାଳିଗୁଡ଼ିକୁ ମଜବୁତ/ସୁଦୃଢ଼ କରନ୍ତୁ। |
|---|---|---|
| **ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ** | | |
| **ଫସଲ ର ନାମ** | **ଫସଲ ଅବସ୍ଥା** | **ପରାମର୍ଶ** |
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ପିଲ ବାହାରିବା ରୁ ଥୋଡ଼ ବାହାରିବା ଅବସ୍ଥା** | **ରୋଗ ଓ ପୋକ ପରିଚାଳନା :** ଚାଷୀ ଭାଇ ମାନେ ଧାନରେ ଲାଗୁଥିବା ବିଭିନ୍ନ ରୋଗ କୁ ଜୈବିକ ଉପାୟରେ ପ୍ରତିରୋଧ କରିବା ପାଇଁ ପ୍ରତି ଏକ ଲିଟର ପାଣିରେ ୨୫ ଗ୍ରାମ ବେଲପତ୍ରର ରସ କିମ୍ଵା ୨୫ ଗ୍ରାମ ତୁଳସୀ ପତ୍ରର ରସ କିମ୍ଵା ୨୦୦ ଗ୍ରାମ ନିମ୍ବ ପତ୍ରର ରସ କୁ ମିଶ୍ରଣ କରି ଶୁଖିଲା ପାଗରେ ଫସଲରେ ସିଞ୍ଚନ କରନ୍ତୁ। ଏହା ଛଡ଼ା ନିମ୍ବ ଆଧାରିତ କୀଟନାଶକ ମଧ୍ୟ ପ୍ରୟୋଗ କରି ପାରିବେ ।<br>▪ **ପତ୍ରମୋଡ଼ା ଏବଂ କାଣ୍ଡବିନ୍ଧା ପୋକ:** ବର୍ତ୍ତମାନର ଅନୁଭୂତ ପାଗ ଯୋଗୁଁ ଧାନ ଫସଲରେ ପତ୍ରମୋଡ଼ା ଏବଂ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଦେବାର ସମ୍ଭାବନା ଅଛି। କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ଗୋଟିଏ ଆଲୋକ ଯନ୍ତା (ଲାଇଟ ଟ୍ରାପ୍) ଓ ୮ ଟି ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ) ବ୍ୟବହାର କରନ୍ତୁ \| ୩ ସପ୍ତାହ ପରେ ଫେରୋମୋନ୍ ଟ୍ରାପ ରେ ଥିବା ଲିଓର କୁ ବଦଳାଇ ଦିଅନ୍ତୁ । କାଣ୍ଡବିନ୍ଧା ପୋକ ପ୍ରାଦୁର୍ଭାବ ର ସମ୍ଭାବନା ଅଧିକ ଥିଲେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀ ର ଅଣ୍ଡା ଏକର ପ୍ରତି ୬୦୦୦୦ ଅଣ୍ଡା (୩ ଟି ଟ୍ରାଇକୋକାର୍ଡ ପ୍ରତି ଏକର) ବ୍ୟବହାର କରନ୍ତୁ। କୀଟ ସଂଖ୍ୟା ଆର୍ଥିକ ଦେହଳୀ ସୀମାରୁ ଅଧିକ ଥିଲେ ପତ୍ରମୋଡ଼ା ପୋକ ଏବଂ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ଅନୁକୂଳ ପାଗରେ ଏକର ପ୍ରତି ୨୦୦ ଲିଟର ପାଣିରେ ୬୦ ମି.ଲି କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫ % ଏସ .ସି କିମ୍ବା ୫୦ ଗ୍ରାମ୍ ଫ୍ଲୁଉବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି କୁ ମିଶ୍ରଣ କରି ସିଂଚନ କରନ୍ତୁ କିମ୍ବା ଦାନାଦାର କାରଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ଏକର ପିଛା ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।<br>▪ **ପତ୍ରାଚ୍ଛାଦ ପୋଡ଼ା ରୋଗ :** ବର୍ତମାନ ପାଗରେ ଏହି ରୋଗର ସମ୍ଭାବନା ଅଧିକ ରହିଛି । ଏହାର ପ୍ରତିକାର ପାଇଁ ଏକର ପିଛା ୨୦୦ ଲିଟର ପାଣିରେ ଟେବୁକୋନାଜୋଲ୍ ୫୦ % + ଟ୍ରାଇଫ୍ଲକ୍ସିଷ୍ଟ୍ରୋବିନ୍ ୨୫ % ଡବ୍ଲୁ.ଜି. ୮୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫ % ଇ.ସି କୁ ୨୦୦ ମିଲିଗ୍ରାମ ହିସାବରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ ।<br>▪ **ରୁଆ ଧାନ :**<br>**ଖାଦ୍ୟସାର ପରିଚାଳନା :** ପାଗ ଅନୁକୂଳ ଥିଲେ କେଣ୍ଡା ବାହାରିବା ସମୟରେ ଢିପ ଜମି କ୍ଷେତ୍ରରେ ଏକର ପ୍ରତି ୧୬ କି.ଗ୍ରା. ୟୁରିଆ + ୧୦ କି.ଗ୍ରା. ଏମ.ଓ.ପି ଏବଂ ମଧ୍ୟମ ଓ ଖାଲୁଅ ଜମି କ୍ଷେତ୍ରରେ ଏକର ପ୍ରତି ୨୦ କି.ଗ୍ରା. ୟୁରିଆ + ୧୩ କି.ଗ୍ରା. ଏମ.ଓ.ପି ଦିତୀୟ ଦଫା ସାର ଭାବରେ ପ୍ରୟୋଗ କରନ୍ତୁ। |
| **କପା** | **ଫୁଲ ରୁ ବକରା ବିକଶିତ ଅବସ୍ଥା** | ▪ ଜଳବନ୍ଦୀ ସମସ୍ୟାରୁ ରକ୍ଷା କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ଏବଂ ପାଗ ଅନୁକୂଳ ନ ହେବା ପର୍ଯ୍ୟନ୍ତ କୀଟନାଶକ ସିଞ୍ଚନରୁ ନିବୃତ୍ତ ରୁହନ୍ତୁ।<br>▪ ଘାସ ସହ ପ୍ରତିଯୋଗିତା କମାଇବା ଏବଂ ଫସଲର ସୁସ୍ଥ ବୃଦ୍ଧି ପାଇଁ ନିର୍ମଳ/ଶୁଖିଲା ପାଗ ଥିବା ସମୟରେ କୋଡ଼ାଖୋସା, ଘାସ ବାଛିବା ଏବଂ ହୁଡ଼ା ଟେକା କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ।<br>▪ ଘାସ ନିୟନ୍ତ୍ରଣ ପାଇଁ ପ୍ରତି ୧୦ ଲିଟର ପାଣିରେ ୫୦ ମିଲିଲିଟର ଗ୍ଲୁଫୋସିନେଟ୍ ଆମୋନିୟମ୍ ୧୩.୫% ମିଶାଇ, ମୁଖ୍ୟ ଫସଲକୁ ସୁରକ୍ଷିତ ରଖିବା ପାଇଁ ହୁଡ୍ ବ୍ୟବହାର କରି କେବଳ ଘାସ ଉପରେ ସିଞ୍ଚନ କରନ୍ତୁ।<br>▪ ଜଳବନ୍ଦୀ ଅଞ୍ଚଳରେ ଫସଲର ପତ୍ର ଲାଲିପଡ଼ିବା ସମସ୍ୟା କମାଇବା ପାଇଁ ୧୦ ଲିଟର ପାଣିରେ ୧୦୦ ଗ୍ରାମ୍ ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍ ଏବଂ ୧୦୦ ଗ୍ରାମ୍ ୟୁରିଆ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>▪ **ଶୋଷକ କୀଟ (ଜଉ, ଉକୁଣିଆ, ପତ୍ରଡିଆଁ, ଦହିଆ ଓ ଧଳାମାଛି):** ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠାଲାଗିଥିବା ହଳଦିଆ ଯନ୍ତା କୁ ଜମିରେ ଲଗାନ୍ତୁ । ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ରାସାୟନିକ ଉପାୟରେ ନିୟନ୍ତ୍ରଣ କରିବା ପାଇଁ ଏକର ପିଛା ୨୦୦ ଲିଟର ପାଣିରେ ୮୦ ଗ୍ରା. ଫ୍ଲୋନିକାମିଡ୍ ୫୦% ଡବ୍ଲ୍ୟୁ.ଜି କିମ୍ବା ୮୦ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲ୍ୟୁ.ଜି ନଚେତ ୪୦୦ ମି.ଲି. ବୁପ୍ରୋଫେଜିନ୍ ୨୫% ଏସ୍.ସି କିମ୍ବା ୨୪୦ ଗ୍ରାମ ଡାଇଫେନଥୁରିଅନ ୫୦% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଂଚନ କରନ୍ତୁ ।<br>▪ **ମୂଳ ସଢ଼ା ଓ ଝାଉଁଳା ରୋଗ:** ପ୍ରତିକାର ପାଇଁ ଏକର ପ୍ରତି ୪୦୦ ଗ୍ରାମ କାର୍ବେନଡାଜିମ୍ ୫୦% ଡବ୍ଲୁ.ପି କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ଗଛ ମୂଳରେ ଥିବା ମାଟିକୁ ଭିଜାଇ ଦିଅନ୍ତୁ। |

| | | |
|---|---|---|
| ହରଡ଼ | ଅଙ୍ଗୀୟ ଅବସ୍ଥା | ▪ ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବର୍ଷାଜଳ ଯୋଗୁଁ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାକୁ ଏଡ଼ାଇବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ।<br>**ରୋଗ ଓ ପୋକ ପରିଚାଳନା:**<br>▪ **ପତ୍ର ଛନ୍ଦା ପୋକ:** ବର୍ତମାନ ଅବସ୍ଥାରେ ଏହି ପୋକର ପ୍ରାଦୁର୍ଭାବ ଦେଖା ଦେଇଥାଏ। ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ କ୍ଲୋରୋପାଇରିଫୋସ ୫୦% ଇ.ସି + ସାଇପରମେଥ୍ରିନ୍ ୫ % ଇ.ସି କିମ୍ବା ପ୍ରୋପେନୋଫୋସ ୫୦% ଇ.ସି ୨ ମି.ଲି ହିସାବରେ ମିଶ୍ରଣ କରି ଶୁଖିଲା ପାଗରେ ସିଂଚନ କରନ୍ତୁ<br>▪ ବର୍ଷା ଛାଡ଼ିଗଲା ପରେ ଝାଉଁଳା ରୋଗ ଦେଖା ଦେଇପାରେ। ତେଣୁ ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ମେଟିରାମ୍ ୭୫% ଡବ୍ଲୁ.ଜି କୁ ମିଶ୍ରଣ କରି ଗଛ ମୂଳରେ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| **ଉଦ୍ୟାନ କୃଷି** | | |
| ପନିପରିବା | ଅଙ୍ଗୀୟ ରୁ ଫଳ ଅବସ୍ଥା | ▪ ପ୍ରବଳ ବର୍ଷା ଯୋଗୁଁ ହେବାକୁ ଥିବା କ୍ଷତିକୁ ହ୍ରାସ କରିବା ପାଇଁ ଅମଳ ଯୋଗ୍ୟ ପରିବାକୁ ତୁରନ୍ତ ଅମଳ କରନ୍ତୁ ।<br>▪ ଜଳବନ୍ଦୀ ସମସ୍ୟାକୁ ରୋକିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।<br>▪ ପ୍ରବଳ ବର୍ଷା ପରବର୍ତ୍ତୀ ସମୟରେ କୀଟପତଙ୍ଗ ଏବଂ ରୋଗ ପୋକର ପ୍ରାଦୁର୍ଭାବ ପ୍ରତି ବିଶେଷ ସତର୍କ ରୁହନ୍ତୁ। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| ଗାଈ ଓ ମଇଁଷି | | ▪ ବର୍ଷା ଦିନେ ଗାଈ ଏବଂ ମଇଁଷି ମାନଙ୍କୁ ଓଦା ହେବାରୁ ରୋକିବା ଏବଂ ଖୁରା ସଂକ୍ରମଣରୁ ରକ୍ଷା କରିବା ପାଇଁ ସେମାନଙ୍କୁ ସୁରକ୍ଷିତ ଏବଂ ଶୁଖିଲା ଆଶ୍ରୟସ୍ଥଳରେ ରଖନ୍ତୁ। ଗୋରୁମାନଙ୍କୁ, ବିଶେଷ କରି ବାଛୁରୀମାନଙ୍କୁ କୃମିନାଶକ ଔଷଧ ଦିଅନ୍ତୁ ଏବଂ ଆବଶ୍ୟକତା ଅନୁସାରେ ସମୟପୋଯୋଗୀ ଟିକାକରଣ କରାନ୍ତୁ। ଖୁରା ପଚା (Foot rot) ଏବଂ ଥନହରା (Mastitis) ଭଳି ରୋଗର ଆଶଙ୍କା କମାଇବା ପାଇଁ ଗୋଶାଳାରେ ଶୁଖିଲା ଶଯ୍ୟାର ବ୍ୟବସ୍ଥା କରନ୍ତୁ ଏବଂ ପଶୁମାନଙ୍କୁ ପାଣି ଜମିଥିବା ଚରଣ ଭୂମିକୁ ଛାଡ଼ନ୍ତୁ ନାହିଁ। |
| ଛେଳି ଓ ମେଣ୍ଢା | | ▪ ମୌସୁମୀ ଜନିତ ଆକସ୍ମିକ ବର୍ଷା ପ୍ରାଦୁର୍ଭାବରୁ ରକ୍ଷ୍ୟା କରିବାକୁ ଚେଷ୍ଟା କରନ୍ତୁ । ଗୁହାଳ କୁ ଯଥା ସମ୍ଭବ ଶୁଖିଲା ରଖନ୍ତୁ ଏବଂ ଗୁହାଳ ମଧ୍ୟରେ ଅତ୍ୟଧିକ ସଂଖ୍ୟାରେ ଛେଳି କିମ୍ବା ମେଣ୍ଢାଙ୍କୁ ରଖନ୍ତୁ ନାହିଁ । |
| କୁକୁଡ଼ା | | ▪ ସରୀସୃପ ମାନେ ବର୍ଷାଦିନେ କୁକୁଡ଼ା ଘର ମଧ୍ୟକୁ ପ୍ରବେଶ କରିବାର ଅଧିକ ସମ୍ଭାବନା ଥିବାରୁ, ଚାଷୀ ମାନେ ଏହିପ୍ରତି ଯତ୍ନବାନ ରହିବା ଉଚିତ । |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**